NATIONAL DAIRY PLAN
MISSION MILK
THE NEXT REVOLUTION

# ରାଷ୍ଟ୍ରୀୟ ଡେ଼ୟରୀ ଯୋଜନା - ୧ ଆନୁକୂଲ୍ୟରେ



## କୃମି ନିରାକରଣ

- କୃମି ନିରାକରଣ ସାଧାରଣତଃ ବୟସ୍କ ଗାଈ, ବାଛୁରୀ ଓ ଛଡ଼ାମାନଙ୍କ ପାଇଁ ନିହାତି ଜରୁରୀ ।
- ଗାଈର ଶରୀରରେ ଥିବା କୃମି ଗୁଡ଼ିକ ଗାଈ ଖାଉଥିବା ଖାଦ୍ୟକୁ ନିଜେ ଖାଇ ଦିଅନ୍ତି ।
- କୃମି ହେବାଦ୍ୱାରା ଗାଈର ପେଟ ଫୁଲିଯାଏ, ତରଳ ଝାଡ଼ା ହୁଏ, ଲୋମ ଗୁଡ଼ିକ ଉଠିଯାଏ ଓ ଅସମୟରେ ମୃତ୍ୟୁ ହୋଇଥାଏ ।
- ଦୁଗ୍ଧ ଉତ୍ପାଦନ କମିଯାଏ ।
- ଖାଦ୍ୟ ଖାଇବା କମିଯାଏ ।
- ଶରୀରର ଉପଯୁକ୍ତ ବୃଦ୍ଧି ହୁଏ ନାହିଁ ।
- ଗର୍ଭଧାରଣ କ୍ଷମତାବିଳମ୍ବରେ ଆସିଥାଏ ।
- ପୁନର୍ବାର ଗର୍ଭିଣୀ ହେବାରେ ବିଳମ୍ବ ଓ ଅନିୟମିତତା ଦେଖାଯାଏ ।

## ପ୍ରତିରୋଧକ ବ୍ୟବସ୍ଥା :

- ନବଜାତ ବାଛୁରୀକୁ ଜନ୍ମର ୧୦ ଦିନ ପରେ ପ୍ରଥମ ଖୁରାକ ଓ ପ୍ରତି ତିନିମାସରେ ଥରେ ଏକ ବର୍ଷ ପର୍ଯ୍ୟନ୍ତ କୃମି ଔଷଧ ଖାଇବାକୁ ଦିଅନ୍ତୁ ।
- ଗାଈ ମାନଙ୍କୁ ପ୍ରତି ୬ ମାସରେ ଥରେ କୃମି ଔଷଧ ଖାଇବାକୁ ଦିଅନ୍ତୁ ।

## ଟୀକାକରଣ

- ଗାଈ ଗୋରୁ ମାନଙ୍କ ପାଇଁ ତଣ୍ଟିଫୁଲା, ବଜବଜିଆ ଯେପରି ଏକ ମାରାତ୍ମକ ରୋଗ ଠିକ୍ ସେପରି ଫାଟୁଆ ରୋଗ ବାଛୁରୀ ମୃତ୍ୟୁ ତଥା ଗାଈମାନଙ୍କ ଦୁଗ୍ଧ ଉତ୍ପାଦନ ହ୍ରାସ ହେବାର ଏକ ମୂଖ୍ୟ କାରଣ ।
- ଏହି ରୋଗର ଜୀବାଣୁ ଓ ଭୁତାଣୁ ଗୁଡ଼ିକ ସାଧାରଣତଃ ଗାଈ ରହୁଥିବା ପରିବେଶରେ ଥିବାରୁ ଏହା ଗାଈକୁ ସହଜରେ ଆକ୍ରାନ୍ତ କରିଥାଏ ।
- ଟୀକାକରଣ ଦ୍ୱାରା ପଶୁର ଶୀରରରେ ଜୀବାଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।
- ଟ୍ରାଓଭେକ୍ (ଔଷଧ) ତଣ୍ଟିଫୁଲା, ବଜବଜିଆ ଓ ଫାଟୁଆ ତିନୋଟି ଯାକ ରୋଗ ପାଇଁ ଗୋଟିଏ ଟୀକା ।
- ଏହି ଟୀକା ପଶୁ ଶରୀରରେ ପ୍ରାୟ ୧୧ ମାସ ପର୍ଯ୍ୟନ୍ତ କାମ କରିଥାଏ ।
- ଏହି ଟୀକା ବର୍ଷାଋତୁ ପୂର୍ବରୁ ପଶୁ ମାନଙ୍କୁ ଦେବା ଉଚିତ୍ ।
- ସୁସ୍ଥସବଳ ପଶୁକୁ ଟୀକାକରଣ କରିବା ଦ୍ୱାରା ପଶୁ ଶରୀରରେ ବେଶୀ ପ୍ରଭାବଶାଳୀ ହୋଇଥାଏ ।

ସୌଜନ୍ୟ :

**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ**

**ସମ୍ବଲପୁର**

omfed

SAMUL